# Government of Odisha

**ST & SC DEVELOPMENT AND MINORITY & OTHER BACKWARD CLASS WELFARE DEPARTMENT**

# ODISHA STATE SCHOLARSHIP PORTAL

**RENEWAL(Already registered students renewing in same course for subsequent year/ Renewing in new course) & FRESH (New Registration) application of Post-Matric scholarship for eligible ST and SC students studying inside /outside state for the year 2022-23 is being invited in ODISHA STATE SCHOLARSHIP PORTAL. Like previous year, NEW ID will be generated based on the AADHAAR authentication through OTP. All eligible students are therefore, requested to apply/renew for Post-Matric Scholarship by visiting URL http://www.scholarship.odisha.gov.in .**

## Eligibility Criteria for Post Matric Scholarship Scheme: -

- Student shall belong to ST/SC community and should be a permanent resident of Odisha.
- The students should continue their Post Matriculation Studies in any general/technical or professional courses in any Govt. or Govt. recognized Private institutes.
- The annual family income of the parent/guardians from all sources should not exceed Rs.2,50,000/- per annum.

## Scheduled Time line for Online Application

| Sl. | Activities | Renewal & Fresh |
|---|---|---|
| 1 | Opening Date of **Online Applications for students** | **10.08.2022** |
| 2 | Closing date for **submission of Online Applications by students.** | **31.10.2022** |
| 3 | Last date for **scrutiny & forwarding of Online Applications by Institutes.** | **30.11.2022** |
| 4 | Last date for **online sanction of Applications by the DWO concerned.** | **31.12.2022** |

***NB.:- (i) Aadhaar is made mandatory for availing Scholarship. Please provide correct Aadhaar number of self in the Online Application Form. In case it is found that Aadhaar number provided by the student is wrong or is not his/her, the application is liable to be rejected. .(Ref:Dept Notification No:10744 dt26.06.2019)***

***(ii) Applicants have to be very careful while furnishing their Bank Account information in the specified box of the Online Application. Any wrong entry or mismatch in case of Bank information, the Department will not be held responsible for mis-credit and the applicant will be held responsible in case of diversion of public money on this ground.***

## *Candidates belonging to both INSIDE STATE and OUTSIDE STATE categories shall follow the instructions given below:*

- Students are advised to visit the URL given above and click on HOW TO APPLY button to know the complete procedure of Online Registration in Odisha State Scholarship Portal.
- As the ID would be generated on OTP based Aadhar authentication, students are advised to ensure that their Aadhar is linked with an operational mobile number in order to receive OTP and to provide the same in scholarship portal for successful registration.
- Basic details i.e. Name, Gender, DOB will be fetched from the AADHAR and will be non-editable. Therefore, before applying, students are advised to ensure that these details are correct in their AADHAR (including spelling of the name & surname).
- All renewal students (Both Renew in the new course/renew in the same course) are advised to click on "VERIFY" button showing against AADHAAR mandatorily in their basic profile page. An OTP will be sent to the mobile number registered in AADHAAR. After entering OTP, if any changes/ updation made in AADHAAR (ex: any changes in name/DOB/Gender), the same will be replaced in the portal.

- As per Govt. of India stipulations, only Aadhaar based payments will be allowed under the Scheme hereinafter. Therefore, applicants must ensure that they have a bank account seeded with the Aadhar number mentioned in the application and provide the same account details in their application. To link bank account with Aadhaar number, please visit you bank branch and submit a "Bank consent form for receiving DBT". You can check which bank is linked to your Aadhaar number on NPCI mapper by visiting **https://resident.uidai.gov.in/bank-mapper**.
- Students and institutions are advised not to submit hard copy of application and other required documents to concerned institution and DWOs respectively. Therefore, at the time of filling details of income, caste, matric roll no, bank accounts etc., students are requested to fill it cautiously and upload correct, valid & legible certificates in the portal. Any mismatch found during scrutiny process at institution/DWO level, the concerned student may lead to rejection of application. However, in case of any requirement, DWO may seek hard-copies of application and other required documents.
- Students who are applying for the first time or renewing in new course need to obtain caste and income certificate through e-district portal of Odisha preferably for auto-authentication.
- Students who have already completed the course being pursued in previous year and renewing their application in a new course are required to add the details of the same in Educational Qualification Details section of their on-line application.
- Students must provide an operative, active & unique mobile number (preferably a WhatsApp linked number) to receive important messages regarding application status. As per GoI stipulation, one mobile number can be used against only one application.
- Students are hereby requested to keep their Unique ID & Password confidential. In case of any mis-credit/manipulation happens due to sharing of user id & password with others, student will be solely held responsible.
- Institutes/DWOs are instructed to process the online application within 7 days of receipt of application in their login and forward the same to next level for further action without waiting till last date of application/ processing.

**Special Secretary to Govt.**
**ST & SC Development Department**

ଓଡିଶା ସରକାର

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ

# ODISHA STATE SCHOLARSHIP PORTAL

ରାଜ୍ୟ ଭିତରେ ଏବଂ ବାହାରେ ପଢୁଥିବା ଯୋଗ୍ୟ ଅନୁସୂଚିତ ଜନଜାତି/ ଅନୁସୂଚିତ ଜାତି ବର୍ଗର ଛାତ୍ରଛାତ୍ରୀମାନଙ୍କୁ ଚଳିତ ୨୦୨୨-୨୩ ବର୍ଷ ପାଇଁ ମାଟ୍ରିକ ପରବର୍ତ୍ତୀ ଛାତ୍ରବୃତ୍ତି ପାଇବା ନିମନ୍ତେ ନୂତନ ଦରଖାସ୍ତ (ପଞ୍ଜିକରଣ / ନୂତନ ପାଠ୍ୟକ୍ରମ ପାଇଁ ଆବେଦନ) ଏବଂ ନବୀକରଣ (ପରବର୍ତ୍ତୀ ବର୍ଷ ପାଇଁ ସମାନ ପାଠ୍ୟକ୍ରମରେ ନବୀକରଣ / ନୂତନ ପାଠ୍ୟକ୍ରମରେ ନବୀକରଣ) ଓଡିଶା ରାଜ୍ୟ ଛାତ୍ରବୃତ୍ତି ପୋର୍ଟାଲ (ODISHA STATE SCHOLARSHIP PORTAL) ମାଧ୍ୟମରେ ଆବେଦନ କରିବା ପାଇଁ ଅନୁରୋଧ କରାଯାଉଅଛି । ପୂର୍ବ ବର୍ଷ ପରି, OTP ମାଧ୍ୟମରେ AADHAR ପ୍ରାମାଣିକିକରଣ ହୋଇ ନୂତନ ID ସୃଷ୍ଟି ହେବ | ସମସ୍ତ ଯୋଗ୍ୟ ଛାତ୍ରଛାତ୍ରୀମାନଙ୍କୁ ଅନୁରୋଧ, ସେମାନେ ଦିଆଯାଇଥିବା URL **http://www.scholarship.odisha.gov.in** ରେ ମାଟ୍ରିକ ପରବର୍ତ୍ତୀ ଛାତ୍ରବୃତ୍ତି ପାଇଁ ନୂତନ ଆବେଦନ ପଞ୍ଜୀକରଣ କରିବେ|

**ମାଟ୍ରିକ ପରବର୍ତ୍ତୀ ଛାତ୍ରବୃତ୍ତି ପାଇବା ପାଇଁ ଯୋଗ୍ୟତା:**

(କ) ସମସ୍ତ ଯୋଗ୍ୟ ଅନୁସୂଚିତ ଜନଜାତି/ ଅନୁସୂଚିତ ଜାତି ବର୍ଗର ଛାତ୍ରଛାତ୍ରୀମାନେ ଓଡିଶାର ସ୍ଥାୟୀ ଅଧିବାସୀ ହୋଇଥିବେ ।

(ଖ) ସେ ସରକାରୀ/ ସରକାରୀ ସ୍ୱୀକୃତି ପ୍ରାପ୍ତ ଶିକ୍ଷାନୁଷ୍ଠାନରେ General/Technical/Professional ଉଚ୍ଚଶିକ୍ଷା ପାଠ୍ୟକ୍ରମରେ ଅଧ୍ୟୟନ କରୁଥିବେ ।

(ଗ) ଅନୁସୂଚିତ ଜନଜାତି/ ଅନୁସୂଚିତ ଜାତିଙ୍କ କ୍ଷେତ୍ରରେ ସମସ୍ତ ସୂତ୍ରରୁ ପରିବାରର ବାର୍ଷିକ ଆୟ ଟ ୨,୫୦,୦୦୦ /- (ଦୁଇ ଲକ୍ଷ ପଚାଶ ହଜାର ) ରୁ ଅଧିକ ହୋଇନଥିବ ।

| ଦରଖାସ୍ତ ପଞ୍ଜୀକରଣ କରିବାର ସମୟ ସାରଣୀ | | |
|---|---|---|
| କ୍ର.ନଂ | କାର୍ଯ୍ୟ କ୍ରମ | ନବୀକରଣ/ ନୂତନ ପଞ୍ଜୀକରଣ |
| ୧ | ଦରଖାସ୍ତ ଆବେଦନ ନିମନ୍ତେ ପୋର୍ଟାଲର ଖୋଲିବା ତାରିଖ | ୧୦.୦୮.୨୦୨୨ |
| ୨ | ଦରଖାସ୍ତ ଆବେଦନ କରିବା ନିମନ୍ତେ ଶେଷ ତାରିଖ | ୩୧.୧୦.୨୦୨୨ |
| ୩ | ଦରଖାସ୍ତଗୁଡିକ ଅନୁଷ୍ଠାନଦ୍ୱାରା ଯାଞ୍ଚ ଏବଂ ସମ୍ପୃକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଙ୍କୁ online ପ୍ରେରଣ କରିବାର ଶେଷ ତାରିଖ | ୩୦.୧୧.୨୦୨୨ |
| ୪ | ସମ୍ପୃକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀମାନଙ୍କ ଦ୍ୱାରା ଦରଖାସ୍ତଗୁଡିକର online ମଞ୍ଜୁରୀ କରିବାର ଶେଷ ତାରିଖ | ୩୧.୧୨.୨୦୨୨ |

**ବିଶେଷଦ୍ରଷ୍ଟବ୍ୟ:-** (i)ମାଟ୍ରିକପର ଛାତ୍ରବୃତ୍ତି ନିମନ୍ତେ "ଆଧାର" ନମ୍ବର ପ୍ରଦାନ କରିବା ନିତ୍ୟାନ୍ତ ଜରୁରୀ ଅଟେ। ପଞ୍ଜୀକରଣ ସମୟରେ ପୋର୍ଟାଲର ନିର୍ଦ୍ଧାରିତ box ରେ ନିଜର ଆଧାର ନମ୍ବର ପ୍ରଦାନ କରନ୍ତୁ । ଯଦି ପଦତ୍ତ ଆଧାର ନମ୍ବରରେ କୌଣସି ତ୍ରୁଟି ଥାଏ କିମ୍ବା ନମ୍ବର ଟି ଅନ୍ୟ କାହାର ଥାଏ ତେବେ ଦରଖାସ୍ତଟିକୁ ବାତିଲ କରାଯିବ। (Ref:Dept Notification No:10744 dt 26.06.2019)

(ii) ଆବେଦନକାରୀ ମାନେ ନିଜ ନିଜର ବ୍ୟାଙ୍କ ସମ୍ବନ୍ଧୀୟ ତଥ୍ୟ ଯଥା ଆକାଉଣ୍ଟ ନମ୍ବର, IFSC Code, ଶାଖା ନାମ ଇତ୍ୟାଦି ପୋର୍ଟାଲରେ ପ୍ରଦାନ କଲାବେଳେ ଯତ୍ନବାନ ହେବେ । ବ୍ୟାଙ୍କ ତଥ୍ୟ ପ୍ରଦାନବେଳେ କୌଣସି ତ୍ରୁଟି ବିଚ୍ୟୁତି ପାଇଁ ଏହି ବିଭାଗ ଦାୟୀ ରହିବେ ନାହିଁ । ବ୍ୟାଙ୍କ ସମ୍ବନ୍ଧୀୟ ଭୁଲ ତଥ୍ୟ ପ୍ରଦାନ ଦ୍ୱାରା ଯଦି ସରକାରୀ ଅର୍ଥ ଅନ୍ୟ ନାମରେ ଥିବା ବ୍ୟାଙ୍କ ଖାତାକୁ ପ୍ରଦାନ କରାଗଲା ତେବେ ସେଥିପାଇଁ ସେ ଉତ୍ତର ଦାୟୀ ରହିବେ ।

**ଉଭୟ ରାଜ୍ୟ ଭିତରେ ଏବଂ ବାହାରେ ପଢୁଥିବା ଛାତ୍ରଛାତ୍ରୀମାନେ ନିମ୍ନରେ ଦିଆଯାଇଥିବା ନିର୍ଦ୍ଦେଶଗୁଡିକ ଅନୁସରଣ କରିବେ:**

- ଯୋଗ୍ୟ ଛାତ୍ରଛାତ୍ରୀମାନେ ODISHA STATE SCHOLARSHIP PORTAL ର ଅନଲାଇନ୍ ରେଜିଷ୍ଟ୍ରେସନର ସମ୍ପୂର୍ଣ୍ଣ ପଦ୍ଧତି ଉପରୋକ୍ତ URL ରେ "HOW TO APPLY" ବଟନ କ୍ଲିକ କରିଜାଣିପାରିବେ ।
- ଯେହେତୁ ଆଧାର ପ୍ରମାଣିକରଣ ହୋଇ ନୂତନ ID ସୃଷ୍ଟିହେବ, ଛାତ୍ରଛାତ୍ରୀମାନେ ସେମାନଙ୍କର UIDAI ରୁ OTP ପାଇବା ପାଇଁ ଏବଂ ସଫଳତା ପୂର୍ବକ ପଞ୍ଜୀକରଣ କରିବା ପାଇଁ ପୋର୍ଟାଲରେ OTP ପ୍ରଦାନ କରିବେ। ତେଣୁ ଆବେଦନ କରିବା ସମୟରେ ସେମାନେ ସେହି ମୋବାଇଲ ବହନ କରିବା ଉଚିତ୍ ।
- ଆବେଦନକାରୀର ସମ୍ପୂର୍ଣ ସୂଚନା ଯଥା ନାମ, ଲିଙ୍ଗ, ଜନ୍ମତାରିଖ (DOB) , AADHAR ରୁ ଅଣାଯିବ ଏବଂ ଅଣ-ସମ୍ପାଦିତ (non editable) ରହିବ | ଆବେଦନ କରିବା ପୂର୍ବରୁ, ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର AADHAR ରେ (ନାମ ଏବଂ ଉପନାମ ବନାନ ଅନ୍ତର୍ଭୁକ୍ତ କରି) ସଠିକ ବୋଲି ନିଶ୍ଚିତ କରିବାକୁ ପରାମର୍ଶ ଦିଆଯାଉଅଛି।
- ନବୀକରଣ (ଉଭୟ ନୂତନ ପାଠ୍ୟକ୍ରମରେ ନବୀକରଣ/ ସମାନ ପାଠ୍ୟକ୍ରମରେ ନବୀକରଣ) କରୁଥିବା ଛାତ୍ରଛାତ୍ରୀମାନେ ସେମାନଙ୍କର ବେସିକ ପ୍ରୋଫାଇଲ ପେଜରେ ବାଧ୍ୟତାମୂଳକ ଭାବରେ AADHAAR ନମ୍ବର ପାର୍ଶ୍ୱରେ ଥିବା "VERIFY" ବଟନ୍ ଉପରେ କ୍ଲିକ କରିବେ| AADHAAR ରେ ପଞ୍ଜୀକୃତ ମୋବାଇଲ ନମ୍ବରକୁ ଏକ OTP ଯିବ ଏବଂ ସେହି OTP ପୋର୍ଟାଲରେ ଦେବାପରେ, ଯଦି AADHAAR ରେ କୌଣସି ପରିବର୍ତ୍ତନ (ନାମ / DOB/ଲିଙ୍ଗ) କରାଯାଇଥାଏ, ତାହା ପୋର୍ଟାଲରେ ସ୍ଥାନିତ ହୋଇଯିବ|
- ଭାରତ ସରକାରଙ୍କ ସର୍ତ୍ତଅନୁଯାୟୀ, ଏହି ଯୋଜନା ଅଧୀନରେ କେବଳ ଆଧାରଲିଙ୍କ ବ୍ୟାଙ୍କ ଆକାଉଣ୍ଟରେ ଛାତ୍ରବୃତ୍ତି ପ୍ରଦାନ କରାଯିବ। ତେଣୁ, ଆବେଦନକାରୀମାନେ ନିଶ୍ଚିତ କରିବା ଉଚିତ ଯେ ଆବେଦନରେ ଉଲ୍ଲେଖ କରାଯାଇଥିବା ଆଧାର ନମ୍ବର ସହିତ ସେମାନଙ୍କର ନିଜର ବ୍ୟାଙ୍କ ଆକାଉଣ୍ଟ ଲିଙ୍କ ଅଛି ଏବଂ ସେହି ଆକାଉଣ୍ଟଟି ସେମାନେ OSSP ରେ ପଞ୍ଜୀକରଣ/ନବୀକରଣ କରିବା ସମୟରେ ପ୍ରଦାନ କରିବେ। ବ୍ୟାଙ୍କ ଆକାଉଣ୍ଟକୁ ଆଧାର ନମ୍ବର ସହିତ ଲିଙ୍କ କରିବା ପାଇଁ ନିଜର ବ୍ୟାଙ୍କଶାଖା ପରିଦର୍ଶନ କରନ୍ତୁ ଏବଂ DBT ଗ୍ରହଣ କରିବା ପାଇଁ ଏକ ବ୍ୟାଙ୍କସମ୍ମତି ଫର୍ମ ଦାଖଲ କରନ୍ତୁ| Https://resident.uidai.gov.in/bank-mapper URL ରେ NPCI ମ୍ୟାପରରେ ଆପଣଙ୍କର ଆଧାରନମ୍ବର ସହିତ କେଉଁ ବ୍ୟାଙ୍କ ଲିଙ୍କ କରାଯାଇଅଛି ତାହା ଆପଣ ଯାଞ୍ଚ କରିପାରିବେ |

- ଛାତ୍ରଛାତ୍ରୀ ଏବଂ ଅନୁଷ୍ଠାନମାନଙ୍କୁ ଆବେଦନ ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ଡକ୍ୟୁମେନ୍ଟ ଗୁଡିକର ହାର୍ଡକପି ଦାଖଲ ନ କରିବାକୁ ପରାମର୍ଶ ଦିଆଯାଇଛି। ତେଣୁ ଆବେଦନକାରୀମାନଙ୍କୁ ଅନୁରୋଧ ସେମାନେ ଆୟ, ଜାତି, ମାଟ୍ରିକ ରୋଲ ନମ୍ବର, ବ୍ୟାଙ୍କ ଆକାଉଣ୍ଟ ଇତ୍ୟାଦିର ସବିଶେଷ ତଥ୍ୟ ପୂରଣ କରିବା ସମୟରେ, ସମ୍ପୃକ୍ତ ସାର୍ଟିଫିକେଟ୍ରେ ଏବଂ ପୋର୍ଟାଲରେ ଅପଲୋଡ ହୋଇଥିବା ବିବରଣୀ ଅନୁଯାୟୀ ସତର୍କତାର ସହିତ ପୂରଣ କରିବେ | ତଥାପି, ଯଦି ଆବଶ୍ୟକତା ଥାଏ ତେବେ DWO ଆବେଦନକାରୀଙ୍କଠାରୁ ହାର୍ଡ-କପି ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ଡକ୍ୟୁମେଣ୍ଟ ମାଗିପରିବେ | ଅନୁଷ୍ଠାନ / DWO ସ୍ତରରେ ଯାଞ୍ଚ ପ୍ରକ୍ରିୟା ସମୟରେ ଯଦି କିଛି ଅସଙ୍ଗତି ମିଳେ ତେବେ, ସମ୍ପୃକ୍ତ ଛାତ୍ରବୃତ୍ତି ପ୍ରତ୍ୟାଖ୍ୟାନ କରାଯାଇପାରେ|
- ଯେଉଁ ଛାତ୍ରଛାତ୍ରୀମାନେ ପ୍ରଥମ ଥର ପାଇଁ ଆବେଦନ କରୁଛନ୍ତି କିମ୍ବା ନୂତନ ପାଠ୍ୟକ୍ରମରେ ନବୀକରଣ କରୁଛନ୍ତି ସେମାନେ ଓଡ଼ିଶାର ଇ-ଜିଲ୍ଲା ପୋର୍ଟାଲ ମାଧ୍ୟମରେ ଅନଲାଇନରେ ଜାତି ଏବଂ ଆୟ ପ୍ରମାଣପତ୍ର ପ୍ରାପ୍ତ କରିବାକୁ ଅନୁରୋଧ ।
- ଯେଉଁ ଛାତ୍ରଛାତ୍ରୀମାନେ ପୂର୍ବବର୍ଷର ପାଠ୍ୟକ୍ରମ ସମାପ୍ତ କରି ସାରିଛନ୍ତି ଏବଂ ଏକ ନୂତନ ପାଠ୍ୟକ୍ରମରେ ସେମାନଙ୍କର ଆବେଦନକୁ ନବୀକରଣ କରୁଛନ୍ତି, ସେମାନେ ଅନଲାଇନ୍ ଆବେଦନର ଶିକ୍ଷାଗତ ଯୋଗ୍ୟତା ବିବରଣୀ ବିଭାଗରେ ତାହା ପ୍ରଦାନ କରିବା ଆବଶ୍ୟକ|
- ଆବେଦନସ୍ଥିତି ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ମେସେଜ ପାଇବା ପାଇଁ ଛାତ୍ରଛାତ୍ରୀମାନେ ଏକ ଅପରେଟିଭ୍, ସକ୍ରିୟ ଏବଂ ଅନ୍ୟାନ୍ୟ ମୋବାଇଲ ନମ୍ବର ( ବିଶେଷତଃ whatsapp ନମ୍ବର) ପୋର୍ଟାଲରେ ପ୍ରଦାନ କରିବା ଜରୁରୀ ଅଟେ | ଭାରତ ସରକାରଙ୍କ ସର୍ତ୍ତ ଅନୁଯାୟୀ, ଗୋଟିଏ ମୋବାଇଲ ନମ୍ବର କେବଳ ଗୋଟିଏ ଆବେଦନରେ ହିଁ ବ୍ୟବହାର କରାଯାଇପାରିବ।
- ଛାତ୍ରଛାତ୍ରୀମାନେ ସେମାନଙ୍କର ID ଏବଂ passwordକୁ ଗୁପ୍ତ ରଖିବାକୁ ଅନୁରୋଧ | ଯଦି ଅନ୍ୟ ମାନଙ୍କ ସହିତ ଆବେଦନକାରୀ ID ଏବଂ password ଅଂଶୀଦାର କୌଣସି ଭୁଲ-କ୍ରେଡିଟ୍ / କାରସାଦି ହୁଏ, ତେବେ ସମ୍ପୃକ୍ତଛାତ୍ରଛାତ୍ରୀ କେବଳ ଦାୟୀ ହେବେ।
- ଅନୁଷ୍ଠାନ / dwo ମାନଙ୍କୁ ନିର୍ଦ୍ଦେଶ ଦିଆଯାଉଛି ଯେ ଶେଷ ତାରିଖ ପର୍ଯ୍ୟନ୍ତ ଅପେକ୍ଷା ନକରି ଅନଲାଇନ ଆବେଦନ ପ୍ରାପ୍ତ ହେବାର 7 ଦିନ ମଧ୍ୟରେ ବିହିତ ପଦକ୍ଷେପ ନେବେ |

ସ୍ୱତନ୍ତ୍ର ସଚିବ

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିଭାଗ